# Akashvani, Sambalpur

## SAMBALPURI NEWS BULLETIN

### 15 December 2025 – 6.47- 6.52 am.

*********************************************

ମୁଖ୍ୟ ସୂଚନା ଆୟୁକ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ନ କେନ୍ଦ୍ରୀୟ ସୂଚନା ଆୟୋଗର୍ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଆଘର୍ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ରାଜ୍‌କୁମାର୍ ଗୋୟଲ୍‌ଙ୍କୁ ଆଏଜ୍ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରାବେ । ତାଙ୍କର୍ ସହେତେ ସୂଚନା ଆୟୁକ୍ତ ଭାବେ ଆଉ ୮ ଝନ୍ ଭିଲ୍ ଶପଥ୍ ନେବେ ।
ଇନ ଜନେଇ ଦିଆଯାଇପାରେ, ଆଘର୍ ମୁଖ୍ୟ ସୂଚନା ଆୟୁକ୍ତ ହୀରାଲାଲ୍ ସମାରିଆଙ୍କର୍ କାର୍ଯ୍ୟକାଲ୍ ଗଲା ସେପ୍ଟେମ୍ବର୍ ୧୩ ତାରିଖ୍ ଦିନ ସରିଥିଲା । ଇତାର୍‌ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ବସିଥିବା ୩ ଝନିଆ କମିଟି ଶ୍ରୀ ଗୋୟଲ୍‌ଙ୍କର୍ ନାଁ ସୁପାରିଶ୍ କରିଥିଲେ ।

ପରୀକ୍ଷା ପେ ଚର୍ଚ୍ଚା          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ଜାନୁଆରୀ ମାସେ ହେବା । ଇତାର୍ ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ ଆଉ ଡର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ଡିସେମ୍ବର୍ ୧ ନୁ ଆଏବା ଜାନୁଆରୀ ୧୧ ତାରିଖ୍‌ତକ୍ ମାଇ ଗଭ୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଏମ୍‌ସିକ୍ୟୁ ଆଧାରିତ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେଇପାର୍‌ବେ ।

ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା -ଓଟିଇଟି ଆଏବା ୧୭ ତାରିଖ୍ ବୁଧବାର୍ ଦିନ ହେବା । ୨ ଟା ଖେପେ ହେବାର୍‌କେ ଥିବା ଇ ପରୀକ୍ଷାର୍ ପହେଲା ପେପର୍ ସଖାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ଆଉ ୨ ନମ୍ବର୍ ପେପର୍‌ର ପରୀକ୍ଷା ଉପର୍‌ବେଲା ୨ ବଜେନୁ ସାଢ଼େ ୪ ବଜେତକ୍ ହେବା । ରାଜ୍ୟର୍ ୪ ଶହ ୫୨ ଟା କେନ୍ଦ୍ର ନ ଇ ପରୀକ୍ଷା ହେବା ବଲି ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ବଛାଯାଇଛେ । ଆଏବାକାଏଲ୍‌ତକ୍ ରାଜ୍ୟର୍ ସବୁ ପରୀକ୍ଷା କେନ୍ଦ୍ରଥି ପ୍ରଶ୍ନପତ୍ର ପୁହୁଁଚିଯିବା

ବଲି ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ଇ ବଛର୍ ଦୁହି ପେପର୍ଥି ମୋଟ୍ ୧ ଲାଖ୍ ୬୦ ହଜାର୍ ୩ ଶହ ଅଣାଅଶୀ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

ଜଲ୍ଶକ୍ତି ହାକାଥନ      ପି.ଆଇ.ବି.

କେନ୍ଦ୍ର ଜଲ୍ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଜଲ୍ଶକ୍ତି ହାକାଥନ୍ -୨୦୨୫ ର ଶୁଭାରମ୍ଭ କରିକରି ଇତାକେ ଦେଶ୍ ଲାଗି ଗୁଟେ ସୁରକ୍ଷିତ୍ ଆଉ ପ୍ରଯୁକ୍ତିଭିତିକ ଜଲ୍ ଭବିଷ୍ୟତ୍ ଗଠନ୍ର ଜାତୀୟ ଆନ୍ଦୋଲନ୍ ବଲି କହିଛନ୍ । ଇ ହାକାଥନ୍ ପାଏନ୍ କ୍ଷେତ୍ରଥି ଉଭାବନ୍କେ ତହଁକେଇକରି ନାଗରିକ୍, ଗବେଷକ, ଷ୍ଟାର୍ଟଅପ୍ ଆଉ ଶିଳ୍ପକେ ଜୁଡ଼୍ବା । ରୁର୍କି ନ ଥିବା ଜାତୀୟ ଜଲ ବିଜ୍ଞାନ୍ ସଂସ୍ଥାନ୍କେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଭାବେ ନିଯୁକ୍ତ କରାଯାଇଛେ । ଭାଗ୍ ନେବାର୍କେ ଚାହୁଁଥିବା ଲୁକେ ଭାରତ୍ ଓ୍ୱିନ୍ ପୋର୍ଟାଲ୍ ଜରିଏ ୫୦ ଟା ଶବ୍ଦଥି ନିଜର୍ ଉଭାବନ୍ମୂଲକ୍ ପ୍ରସ୍ତାବ୍ ଆଏବା ଜାନୁଆରୀ ୧୪ ତାରିଖ୍ ଭିତ୍ରେ ଦାଖଲ୍ କରିପାର୍ବେ ।

ଏନ୍ଆଇସି ପୁରସ୍କୃତ      ଏନ୍ଏସ୍ଡି

ଜାତୀୟ ସୂଚନା ବିଜ୍ଞାନ୍ କେନ୍ଦ୍ର - ଏନ୍ଆଇସି - ଓଡ଼ିଶା ରପ୍ତାନୀ ପ୍ରୋତ୍ସାହନ ଆଉ ଅନ୍ଲାଇନ୍ ମାର୍କେଟିଂ ସେବା ନିର୍ଦ୍ଦେଶାଳୟ- ଡି.ଇ.ପି.ଏନ୍.ଓ.ଏସ୍. ପ୍ରକଳ୍ପ ଲାଗି ଡିଜିଟାଲ୍ ଶାସନ୍ କ୍ଷେତ୍ରଥି ଭଲ୍ କାମ୍ କରିଥିବାର୍ନୁ ପୁରସ୍କାର୍ ପାଇଛେ । ଇ ପ୍ରକଳ୍ପ ଏମ୍ଏସ୍ଏମ୍ଇ ବିଭାଗ୍ ଅଧୀନ୍ଥି ଥିବା ରପ୍ତାନୀ ପ୍ରୋତ୍ସାହନ ଆଉ ବିପଣନ ନିର୍ଦ୍ଦେଶାଳୟର୍ ସେବାକେ ଡିଜିଟାଲ୍ କରିକରି ଏମ୍ଏସ୍ଏମ୍ଇ ମାନ୍କୁ ସହଜ୍, ସ୍ୱଚ୍ଛ ଆଉ ଜଲ୍ଦି ସେବା ଯୁଗେଇ ଦଉଛେ । ୧୯ ନମ୍ବର୍ ଡିଜିଟାଲ୍ ଟ୍ରାନ୍ସଫରମେସନ୍ କନ୍କ୍ଲେଭ୍ଥି ଏନ୍ଆଇସି ଓଡ଼ିଶାକେ ଇ ପୁରସ୍କାର୍ ଦିଆଯାଇଛେ ।

ସମ୍ବଲ୍ପୁର୍- ଇଭି ବସ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ସହର୍ ନ ଉନ୍ନତ୍ ପରିବହନ୍ ବ୍ୟବସ୍ଥା ଯୁଗେଇ ଦେବାର୍ ଲାଗି ଆଏବା ହପ୍ତେ ଭିତ୍ରେ ଇଭି ବସ୍ ଚଲାଚଲ୍ କର୍ବା । ଇଥିର୍ଲାଗି ୧୦ ଟା ସମ୍ଭାବ୍ୟ ରୁଟ୍ ପ୍ରସ୍ତୁତ୍ ହେଇସାରିଛେ । ପାଖାପାଖି ୩ ମାସ୍ ହେଲା ସମ୍ବଲ୍ପୁର୍ ମହାନଗର୍ ନିଗମ୍କେ ଇଥିର୍ଲାଗି ୨୫ ଟା ବସ୍ ଆସିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୦୧୪ ମସିହା ଜାନୁଆରୀ ମାସେ ସମ୍ବଲ୍ପୁରେ ପହେଲାକରି ସିଟି ବସ୍ ସେବା ମୁଲ୍ ହେଇଥିଲା ।

ମେଗା ମାରାଥନ          ଆର୍‌ଏନ୍‌ୟୁ/ ସମ୍ବଲପୁର

କୁଚିଣ୍ଡା ଏଫ୍.ସି. କ୍ଲବ୍ ତର୍‌ଫୁ ମେଗା ମାରାଥନ୍ ସ୍ଥାନୀୟ ମୁକୁନ୍ଦ ଖେଲ୍‌ପଡ଼ିଆ ନ ମୁଲ୍ ହେଇଛେ । ୧୦ କିଲୋମିଟର୍‌ର ଇ ମାରାଥନ୍‌କେ ସ୍ଥାନୀୟ ବିଧାୟକ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ପୁରସ୍କାର୍ ବିତରଣୀ ଉତ୍ସବ୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା          କଳାହାଣ୍ଡି ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଗଲାକାଏଲ୍ କଳାହାଣ୍ଡି ଜିଲ୍ଲା ନୁ ୫ ଟା ସ୍ୱତନ୍ତ୍ର ବସ୍‌ଥି ଶହେ ୮୭ ଝନ୍ ବରିଷ୍ଠ ନାଗରିକ୍ ରାମେଶ୍ୱରମ୍ ଆଉ ମଦୁରାଇକେ ଯାତ୍ରା କରିଛନ୍ । ଆଏଜ୍ ରାୟଗଡ଼ାନୁ ସେମାନେ ତାମିଲ୍‌ନାଡୁର ରାମେଶ୍ୱରମ୍ ଆଉ ମଦୁରାଇକେ ଯାଇକରି ଆଏବା ୨୧ ତାରିଖ୍ ଦିନ ଫିର୍‌ବେ । ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ କୁମାର୍ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯାତ୍ରାର୍ ଶୁଭାରମ୍ଭ କରିଥିଲେ ।

ପ୍ରାଣୀସମ୍ପଦ୍ ମେଳା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ପରିସର୍ ନ ବ୍ଲକ୍‌ସ୍ତରୀୟ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା-୨୦୨୫ ହେଇଯାଇଛେ । ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମେଳାକେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସମନ୍ୱିତ୍ କୃଷି, ଅଣଧାନ୍ ଚାଷ୍ ଉପ୍‌ରେ ଜୋର୍ ଦେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶା ମାଷ୍ଟର୍ସ      I&PR

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଅନ୍ତର୍ଜାତୀୟ ବେଡ଼ମିଂଟନ୍ ପ୍ରତିଯୋଗିତା ଓଡ଼ିଶା ମାଷ୍ଟର୍ସ-୨୦୨୫ ଉଦ୍‌ଯାପିତ୍ ହେଇଯାଇଛେ । ଗଲା ୯ ତାରିଖ୍‌ନୁ ମୁଲ୍ ହେଇଥିବା ଇ ପ୍ରତିଯୋଗିତାର୍ ସବୁ ବର୍ଗର୍ ଫାଇନାଲ୍ ମେଚ୍ ଗଲାକାଏଲ୍ ଖେଳାଯାଇଥିଲା । ପୁରୁଷ ଫାଇନାଲ୍ ଖେଲ୍‌ଥି ଭାରତ୍‌ର କିରନ୍ ଜର୍ଜ - ଇଣ୍ଡୋନେସିଆର୍ ଖେଲାଳି ମହମ୍ମଦ୍ ୟୁସୁଫ୍‌ଙ୍କୁ ହରେଇକରି ଚାମ୍ପିଅନ୍ ହେଇଛନ୍ । ସେନ୍ତା ମହିଳା ଫାଇନାଲ୍‌ଥି ଟପ୍‌ସିଡ୍ ଭାରତୀୟ ଖେଲାଳି ଉନ୍ନତି ହୁଡା - ଇଶାରାଣୀ ବରୁଆଙ୍କୁ ହରେଇକରି ଚାମ୍ପିଅନ୍ ହେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ଦିଗୁ ରାଜ୍ୟକେ ଶୁଖା ଥଣ୍ଡା ପବନ୍ ଆସୁଥିବାର୍ନୁ ଜବର୍ ଶୀତ୍ ହେଉଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୬ /୭ ଦିନ୍ତକ୍ ପାଗ୍ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ରାଜ୍ୟର୍ ୮ ଟା ସହରର୍ ତାପମାତ୍ରା ୧୦ ଡିଗ୍ରୀ ନୁ କମ୍ ରହିଛେ । ଆଏବା ୨୪ ଘଂଟା ଭିତ୍ରେ କଲାହାଣ୍ଡି, ସୁନ୍ଦର୍ଗଡ୍, କନ୍ଧମାଲ୍ ଆର୍ କୋରାପୁଟ୍ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।